# NATIONAL NEWS BULLETIN (ODIA)

**17 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରତ୍ୟେକଙ୍କ ଜୀବନରେ ବିଦ୍ୟାଳୟ ଶିକ୍ଷାରୁ ସଶକ୍ତିକରଣ ଏବଂ ସାମର୍ଥ୍ୟର ବିକାଶ ଘଟିଥାଏ - କହିଲେ ରାଷ୍ଟ୍ରପତି ।

- ଅଧିକ ପରିମାଣରେ ଡାଲିଜାତୀୟ ଶସ୍ୟର ସଂରକ୍ଷଣ କରିବା ପାଇଁ ସରକାର ନେଉଛନ୍ତି ପଦକ୍ଷେପ - ଲୋକସଭାରେ ଉତ୍ତର ରଖିଲେ ବିଭାଗୀୟ ମନ୍ତ୍ରୀ ।

- ୪୬ ହଜାର ମେଟ୍ରିକ ଟନ୍ ରନ୍ଧନ ଗ୍ୟାସ୍ ବହନ କରି ଗୁଜୁରାଟ ବନ୍ଦରରେ ପହଞ୍ଚିଲା ଜାହାଜ ନନ୍ଦାଦେବୀ ।

- ଆଫଗାନିସ୍ତାନର କାବୁଲ ଡାକ୍ତରଖାନା ଉପରେ ପାକିସ୍ତାନର ଆକ୍ରମଣକୁ ଭାରତର ନିନ୍ଦା ।

ଏବଂ

- ଫ୍ରାନ୍ସରେ ଆଜିଠାରୁ ଆରମ୍ଭ ହେଉଛି ଓର୍ଲିଆନ୍ସ ମାଷ୍ଟର୍ସ୍ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ।

---

# ପ୍ରେଜ୍ ଅକ୍ଷୟ ପାତ୍ର

ଶିକ୍ଷା ଆମ ଜୀବନରେ ସୁଯୋଗ ସୃଷ୍ଟି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ସଫଳତା ହାସଲ ଦିଗରେ ଏହା ପଥ ଉନ୍ମୁକ୍ତ କରିଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଅକ୍ଷୟପାତ୍ର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ବିଦ୍ୟାଳୟ ଶିକ୍ଷାସ୍ତରରୁ ହିଁ ସଶକ୍ତିକରଣ ଏବଂ ସାମର୍ଥ୍ୟ ବିକାଶର ପ୍ରକ୍ରିୟା ଆରମ୍ଭ ହୋଇଥାଏ ।

**V/O (President on Education)**

ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଥିବା ଅକ୍ଷୟପାତ୍ର ଫାଉଣ୍ଡେସନକୁ ପ୍ରଶଂସା କରି ରାଷ୍ଟ୍ରପତି କହିଛନ୍ତି ପିଏମ୍ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ କେନ୍ଦ୍ର ସରକାର ବିଶ୍ୱର ସର୍ବବୃହତ୍ ମଧ୍ୟାହ୍ନ ଭୋଜନ ଯୋଜନା ଜାରି ରଖିଛନ୍ତି । ଏକ ସୁସ୍ଥ ଏବଂ ଦୃଢ଼ ଦେଶ ଗଠନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏହି କାର୍ଯ୍ୟକ୍ରମ କୋଟି କୋଟି କୋମଳମତି ଛାତ୍ରଛାତ୍ରୀଙ୍କ ପୁଷ୍ଟିଜନିତ ସମସ୍ୟାର ସମାଧାନ କରୁଥିବାବେଳେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକକୁ ଦୂର କରିପାରିଛି ।

**V/O (President on Children)**

# ଏଲ୍‌ଏସ୍-ଫାର୍ମହାଉସ୍

କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସ୍ୱଚ୍ଛ, ଉତ୍ତରଦାୟିତ୍ୱ ଏବଂ ସମୟାନୁବର୍ତ୍ତୀ ଦେୟ ନିମନ୍ତେ କେତେକ ପରିବର୍ତ୍ତନ

କରିଛନ୍ତି । ଲୋକସଭାରେ ଆଜି ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ପୂର୍ବରୁ କୃଷକମାନଙ୍କୁ ସେମାନଙ୍କ ଦେୟ ପାଇବା ପାଇଁ ଅନେକ ମାସ ଧରି ଅପେକ୍ଷା କରିବାକୁ ପଡୁଥିଲା । ସେ କହିଛନ୍ତି ପରିବର୍ତ୍ତନ ଅନୁଯାୟୀ କୃଷି ସମ୍ବନ୍ଧିତ ଦେୟ କ୍ଷେତ୍ରରେ ଯଦି ବୀମା କମ୍ପାନୀଗୁଡ଼ିକ ୨୧ମାସ ମଧ୍ୟରେ ଅଭିଯୋଗର ସମାଧାନ କରିବାରେ ବିଫଳ ହୁଅନ୍ତି, ସେ କ୍ଷେତ୍ରରେ ୧୨ ପ୍ରତିଶତ ସୁଧ ଦେବାକୁ ହେବ । ମନ୍ତ୍ରୀ ସୂଚନା ଦେଇଛନ୍ତି ଯଦି ରାଜ୍ୟ ସରକାର ଏହି ପ୍ରକ୍ରିୟାରେ ବିଳମ୍ବ କରୁଥାନ୍ତି ତେବେ ମଧ୍ୟ କୃଷକମାନଙ୍କୁ ରାଜ୍ୟ ସରକାର ୧୨ ପ୍ରତିଶତ ସୁଧ ପ୍ରଦାନ କରିବେ । ଏ ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକ କୃଷି ରକ୍ଷକ ପୋର୍ଟାଲରେ କରାଯାଇ ପାରିବ ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି । ସେ ସୂଚନା ଦେଇଛନ୍ତି ଏ ପର୍ଯ୍ୟନ୍ତ ୨ଲକ୍ଷ ୭୧ହଜାର ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସରକାର ସେଗୁଡ଼ିକର ଯାଞ୍ଚ କରି ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ଚଳିତବର୍ଷ ପାଇଁ ବିଭିନ୍ନ କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି । ଆଗାମୀ ଦିନରେ ସରକାର ଅଧିକ ପରିମାଣର ଡାଲିଜାତୀୟ ଶସ୍ୟ ସଂରକ୍ଷଣ କରିବେ ବୋଲି ସେ ଗୃହକୁ ଅବଗତ କରିଛନ୍ତି ।

## ଏଲ୍ଏସ୍-ଏମ୍ପି ସସ୍ପେନସନ

ଲୋକସଭାରେ ଆଜି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେବା ପରେ ୮ ଜଣ ସାଂସଦଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସଂପୃକ୍ତ ସଦସ୍ୟମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ସମ୍ପର୍କିତ ପ୍ରସ୍ତାବ ଆଗତ କରିଥିଲେ । ସେହି ସଦସ୍ୟମାନଙ୍କ ମଧ୍ୟରେ କଂଗ୍ରେସର ମଣିକାମ୍ ଟାଗୋର, ଅମରିନ୍ଦର ସିଂହ ରାଜା ୱାରିଂ, ଗୁର୍‌ଜିତ ସିଂହ ଔଜଲା, ହିବି ଏଡେନ, ଡିନ୍ କୁରିଆକୋଜ, ପ୍ରଶାନ୍ତ ପାଡୋଲେ ଏବଂ କିଶନ କୁମାର ରେଡ୍ଡୀ ଓ ସିପିଆଇ(ଏମ୍)ର ଏସ୍ ଭେଙ୍କଟେଶ ରହିଛନ୍ତି । ଏହି ୮ଜଣ ସଦସ୍ୟଙ୍କୁ ଅନୁଚିତ ବ୍ୟବହାର ଲାଗି ଗତମାସ ୩ ତାରିଖରେ ବଜେଟ୍ ଅଧିବେଶନ କାଳରେ ନିଲମ୍ବନ କରାଯାଇଥିଲା ।

## ଗୁଜୁରାଟ-ନନ୍ଦାଦେବୀ

ଏଲ୍‌ପିଜି ଇନ୍ଧନ ବୋଝେଇ ଜାହାଜ ନନ୍ଦାଦେବୀ ଆଜି ଗୁଜୁରାଟର ଦେବୋଭୂମି ଦ୍ୱାରକା ଜିଲ୍ଲା ଅନ୍ତର୍ଗତ ୱାଦିନାର ବନ୍ଦରରେ ପହଞ୍ଚିଛି । ଏହି ଜାହାଜ କତାରରୁ ବାହାରି ହର୍‌ମୁଜ ପ୍ରଣାଳୀ ଦେଇ ୪୬ହଜାର ମେଟ୍ରିକ ଟନ୍ ଏଲ୍‌ପିଜି ଗ୍ୟାସ୍ ବହନକରି ଭାରତରେ ପହଞ୍ଚିଛି । ଆମ ସମ୍ବାଦଦାତା ଜଣାଇଛନ୍ତି ଜାହାଜରୁ ଏଲ୍‌ପିଜି ଖାଲିହେବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ଗତକାଲି ଅନ୍ୟଏକ ଏଲ୍‌ପିଜି ବୋଝେଇ ଜାହାଜ ମୁନ୍ଦ୍ରା ବନ୍ଦରରେ ପହଞ୍ଚିଥିଲା ।

## ଏମ୍‌ଇଏ-ପାକ୍ ଏୟାରଷ୍ଟ୍ରାଇକ୍

କାବୁଲ୍‌ର ଏକ ଡାକ୍ତରଖାନା ଉପରେ ପାକିସ୍ତାନ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ଏକ ବିବୃତ୍ତିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ପାକିସ୍ତାନର ଭୀରୁତାପୂର୍ଣ୍ଣ ଆକ୍ରମଣରେ ବହୁସଂଖ୍ୟାରେ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି । ସେ କହିଛନ୍ତି ପାକିସ୍ତାନ ଏବେ ବହୁ ଲୋକଙ୍କୁ ହତ୍ୟା କରି ସାମରିକ ପରିଚାଳନାର ରୂପ ଦେବାକୁ ଚାହୁଁଛି । ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ପାକିସ୍ତାନର ଏଭଳି ଆକ୍ରମଣ ନିନ୍ଦନୀୟ ବୋଲି ଭାରତ କହିଛି ।

ଗତକାଲି ରାତିରେ କାବୁଲର ଏକ ଡାକ୍ତରଖାନା ଉପରେ ପାକିସ୍ତାନର ବିମାନ ଆକ୍ରମଣରେ ପ୍ରାୟ ୪୦୦ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୫୦ରୁ ଅଧିକ ଆହତ ହୋଇଛନ୍ତି ।

## ଜୟଶଙ୍କର ବ୍ରସେଲ୍ସ କନ୍‌କ୍ଲୁଡେଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଦ୍ୱିପକ୍ଷୀୟ ବୁଝାମଣା ଏକ ନୂତନ ଆଭିମୁଖ୍ୟ ସୃଷ୍ଟି କରିଛି । ବ୍ରସେଲ୍ସ ଗସ୍ତ ଶେଷ କରିବା ପରେ ଡକ୍ଟର ଜୟଶଙ୍କର କହିଛନ୍ତି ମୁକ୍ତ ବାଣିଜ୍ୟ ଚୁକ୍ତି ଉଭୟ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ କେବଳ ବ୍ୟାପକ ଅର୍ଥନୈତିକ ସୁଯୋଗକୁ ଉନ୍ମୁକ୍ତ କରିବ ନାହିଁ ବରଂ ଉଭୟପକ୍ଷ ରଣନୈତିକ ଦୃଷ୍ଟିରୁ ମିଳିତଭାବେ କାର୍ଯ୍ୟ କରିବେ ।

ଏହି ଗସ୍ତ କାଳରେ ଡକ୍ଟର ଜୟଶଙ୍କର ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲେୟନ ଏବଂ ୟୁରୋପୀୟ ସଂଘର ବୈଦେଶିକ ବ୍ୟାପାର ଓ ସୁରକ୍ଷା ପ୍ରତିନିଧି କାଜା କଲାସଙ୍କ ସହ ଆଲୋଚନା କରିଥିଲେ । ସେ ୟୁରୋପୀୟ ସଂଘ ପ୍ରତିପକ୍ଷ ଏବଂ ଅନ୍ୟ ନେତୃବୃନ୍ଦଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିଥିବା ଜଣାପଡିଛି । ବୈଠକରେ ଉଭୟ ଭାରତ ଓ ୟୁରୋପୀୟ ସଂଘ ବାଣିଜ୍ୟ ଓ ନିବେଶ ବିକାଶ କ୍ଷେତ୍ରରେ ସକ୍ରିୟ ଭାବେ ସହଭାଗି ହୋଇ ମୁକ୍ତ ବାଣିଜ୍ୟ ଚୁକ୍ତିର ଲାଭ ଉଠାଇବେ । ଡକ୍ଟର ଜୟଶଙ୍କର କହିଛନ୍ତି ବିଶ୍ୱରେ ଜାରି ରହିଥିବା ଅନିୟନ୍ତ୍ରିତ ପରିସ୍ଥିତି ମଧ୍ୟରେ ଉଭୟ ଭାରତ ଓ ୟୁରୋପୀୟ ସଂଘ ସ୍ଥାୟିତ୍ୱ ରକ୍ଷା କରିବେ ବୋଲି ଆଲୋଚନା ହୋଇଛି ।

## ଶାହା-ଏନ୍‌ସିବି ରାଇଜିଂ ଡେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ -ଏନ୍‌ସିବିର ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ପ୍ରଧାନମନ୍ତ୍ରୀଙ୍କ ନିଶାମୁକ୍ତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଦାୟିତ୍ୱର ସହ କାର୍ଯ୍ୟ କରୁଛି । ଦେଶର ଯୁବପିଢ଼ୀଙ୍କୁ ନିଶାଦ୍ରବ୍ୟ ପ୍ରଭାବରୁ ସୁରକ୍ଷା ଦେବାଲାଗି ଏନ୍‌ସିବି ଏକ ପ୍ରମୁଖ ପ୍ରତିଷ୍ଠାନ ଭାବେ ତା’ର କାର୍ଯ୍ୟଧାରା ବଜାୟ ରଖିଥିବାରୁ

ଦେଶ ସଂପୃକ୍ତ ପ୍ରତିଷ୍ଠାନର ଉତ୍ସର୍ଗୀକୃତ ମନୋଭାବକୁ ସମ୍ମାନ ଜଣାଉଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ନାଇଜେରିଆ ବମ୍ବିଂ

ନାଇଜେରିଆର ମୈଦୁଗୁରୀ ସହରର ଦକ୍ଷିଣାଞ୍ଚଳରେ ଗତ ରାତିରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୨୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ବୋର୍ଣ୍ଣୋ ରାଜ୍ୟର ମୈଦୁଗୁରୀ ଅଞ୍ଚଳରେ ୩ଟି ବିସ୍ଫୋରଣ ଘଟିଥିଲା । ସେଠାକାର ପୁଲିସ ସୂଚନା ଅନୁଯାୟୀ ଆତ୍ମଘାତୀ ବିସ୍ଫୋରଣ ପାଇଁ କୌଣସି ଗୋଷ୍ଠୀ ନିଜକୁ ଏପର୍ଯ୍ୟନ୍ତ ଦାୟୀ କରିନାହାନ୍ତି । ଘଟଣାସ୍ଥଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଲାଗି ସୁରକ୍ଷାବଳ ମୁତୟନ କରାଯାଇଛି ।

## ମମତା – ଇସିଆଇ

ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପଶ୍ଚିମବଙ୍ଗରେ ପ୍ରଶାସନିକ ଅଦଳବଦଳକୁ ନେଇ ତୃଣମୂଳକ କଂଗ୍ରେସ ଅଧ୍ୟକ୍ଷ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ନିକଟକୁ ଏକ ପତ୍ର ଜରିଆରେ ସେ କହିଛନ୍ତି ବିଧାନସଭା ନିର୍ବାଚନ ଘୋଷଣା ହେବାର ମାତ୍ର କିଛିଘଣ୍ଟା

ମଧ୍ୟରେ ରାଜ୍ୟର ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କର ଅଦଳବଦଳ କରାଯାଇଛି । ବଦଳି ହୋଇଥିବା ଅଧିକାରୀମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଗୃହସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ରହିଛନ୍ତି ।

## ବ୍ୟାଡମିଣ୍ଟନ

ଫ୍ରାନ୍ସରେ ଆଜିଠାରୁ ଓର୍ଲିଆନ୍ସ ମାଷ୍ଟର୍ସ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି । ମହିଳା ଏବଂ ପୁରୁଷ ଏକକରେ ଆଜି କ୍ୱାଲିଫାୟାର ମ୍ୟାଚ୍ ଅନୁଷ୍ଠିତ ହେବ । ବରିଷ୍ଠ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଏବଂ ଆୟୁଷ ସେଟ୍ଟୀ ଓ ତନବୀ ଶର୍ମା ଆସନ୍ତାକାଲି ସେମାନଙ୍କର ପ୍ରତିଯୋଗିତା ଆରମ୍ଭ କରିବେ । କାନ୍ଧରେ ଆଘାତ ଯୋଗୁଁ ଏଚ୍.ଏସ୍. ପ୍ରଣୟ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି ।

ପୁରୁଷ ସିଙ୍ଗଲ୍ସ ବର୍ଗର ପ୍ରଥମ ରାଉଣ୍ଡରେ କିଦାମ୍ବୀ ଶ୍ରୀକାନ୍ତଙ୍କର ଡେନ୍‌ମାର୍କର ମ୍ୟାଗ୍‌ନସ୍ ଜୋହାନ୍‌ନେସେନ୍‌ଙ୍କ ସହିତ ଆସନ୍ତାକାଲି ମୁକାବିଲା କରିବେ । ଅଷ୍ଟମ ମାନ୍ୟତାପ୍ରାପ୍ତ ଆୟୁଷ ସେଟ୍ଟୀ କୀରନ ଜର୍ଜଙ୍କ ସହ ନିଜର ପ୍ରଥମ ମ୍ୟାଚ୍ ଖେଳିବେ ।

ପୁରୁଷ ଡବଲ୍ସ ବର୍ଗରେ ହରିହରନ ଆମସାକରୁନନ୍ ଓ ଏମ୍.ଆର୍. ଅର୍ଜୁନଙ୍କ ଯୋଡ଼ି ଚାଇନିସ୍ ତାଇପେଇର ଲାଇ ପୋ ୟୁ ଓ ସାଇ ଫୁ ଚେଙ୍ଗ୍‌ଙ୍କୁ ଭେଟିବାକୁ ଥିବା ବେଳେ ମହିଳା ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଅଶ୍ୱିନୀ ଭଟ୍ କେ. ଓ ଶିଖା ଗୌତମଙ୍କ ଯୋଡ଼ି ଜାପାନ୍‌ର ରୁଇ ହିରୋକାମି ଓ ସାୟାକା ହୋବାରାଙ୍କ ମଧ୍ୟରେ ମୁକାବିଲା ହେବ ।

ମିଳିତ ବର୍ଗରେ ତନିଶା କ୍ରାଷ୍ଟୋ ଏବଂ ଧ୍ରୁବ କପିଳା ଓ ରୋହନ କପୁର ଏବଂ ରତ୍‌ଭିକା ଶିଭାନି ଗଡେ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ।